# NATIONAL NEWS BULLETIN (ODIA)

**5 March- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବିନିର୍ମାଣ ଓ ଶିଳ୍ପ ଭଳି ଚଳିତ ବଜେଟ୍‌ରେ ଅର୍ଥନୀତି ଏବଂ ନବସୃଜନକୁ ସମାନ ପ୍ରାଧାନ୍ୟ ଦିଆଯାଇଛି, କହିଛନ୍ତି ପ୍ରଧାନମନ୍ତ୍ରୀ ।

- ନୂଆଦିଲ୍ଲୀରେ ଆଜିଠାରୁ ଆରମ୍ଭ ହେଲା ମହିଳା ଅନୁକୂଳ ଗ୍ରାମ ପଞ୍ଚାୟତ ମଡେଲ ।

- ଝାଡ଼ଖଣ୍ଡର ବାଲିବା ଜଙ୍ଗଲରେ ବିସ୍ଫୋରଣ ଘଟି ୩ ସିଆର୍‌ପିଏଫ୍ ଯବାନ ଆହତ ।

ଏବଂ

- ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫିର ଦ୍ୱିତୀୟ ସେମିଫାଇନାଲ୍‌ରେ ଆଉ କିଛି ସମୟ ପରେ ମୁହାଁମୁହିଁ ହେବେ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ।

---

# ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ୨୦୨୫-୨୬ ବଜେଟ୍‌ରେ ବିନିର୍ମାଣ ଏବଂ ଶିଳ୍ପକୁ ଯେଭଳି ପ୍ରାଥମିକତା ଦିଆଯାଇଛି ଅର୍ଥନୀତି ଏବଂ ନବସୃଜନକୁ ମଧ୍ୟ ସମାନ ଭାବରେ ପ୍ରାଥମିକତା ଦିଆଯାଇଛି । କିଛି ସମୟ ପୂର୍ବରୁ ନିଯୁକ୍ତି ସମ୍ପର୍କିତ ବଜେଟ୍ ପରବର୍ତ୍ତୀ ୱେବିନାରକୁ ପ୍ରଧାନମନ୍ତ୍ରୀ ସମ୍ବୋଧନ କରୁଛନ୍ତି । ଏହାର ବିଷୟବସ୍ତୁ ରହିଛି "ପୁଞ୍ଜିନିବେଶ,

ଅର୍ଥନୀତି ଏବଂ ଉଦ୍‌ଭାବନ’ ପ୍ରଧାନମନ୍ତ୍ରୀ କହିଛନ୍ତି ନିଯୁକ୍ତି ସୃଷ୍ଟି ହେଉଛି ସରକାରଙ୍କ ଅନ୍ୟତମ ପ୍ରାଥମିକତା । ଏହି ଅବସରରେ ଶ୍ରୀ ମୋଦୀ ସରକାରଙ୍କ ଦୃଷ୍ଟିକୋଣକୁ ଅଗ୍ରାଧିକାର ଦେଇ ୩ଟି ସ୍ତମ୍ଭ ବିଷୟରେ କହିଛନ୍ତି । ତାହା ହେଉଛି - ଶିକ୍ଷା, ଦକ୍ଷତା ଏବଂ ସ୍ୱାସ୍ଥ୍ୟ । ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତର ଶିକ୍ଷା ବ୍ୟବସ୍ଥା ଅନେକ ଦଶନ୍ଧି ପରେ ଏବେ ପରିବର୍ତ୍ତନ ମଧ୍ୟ ଦେଇ ଗତି କରୁଛି । ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକରେ ଟେଲି ମେଡିସିନ୍ ସୁବିଧା ଯୋଗାଇ ଦିଆଯିବା ସହିତ ଡିଜିଟାଲ ସ୍ୱାସ୍ଥ୍ୟ ସେବା ଢ଼ାଞ୍ଚାରେ ସ୍ୱାସ୍ଥ୍ୟସେବାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ଲାଗି ଉଦ୍ୟମ କରାଯାଉଛି । ପ୍ରଧାମନ୍ତ୍ରୀ କହିଛନ୍ତି...

**V/O**

## ଗ୍ରାମପଞ୍ଚାୟତିରାଜ-ଓ୍ୱମେନ ର୍ୟାଲି

ପଞ୍ଚାୟତରାଜ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍‌ପି ସିଂହ ବାଘେଲ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ର ମନ୍ତ୍ରୀ ଅନୁପ୍ରିୟା ପଟେଲ ଆଜି ନୂଆଦିଲ୍ଲୀଠାରେ ପଞ୍ଚାୟତିରାଜ ମନ୍ତ୍ରଣାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ମହିଳା ଅନୁକୂଳ ଗ୍ରାମପଞ୍ଚାୟତ ମଡେଲର ଶୁଭାରମ୍ଭ କରିଛନ୍ତି । ଅନ୍ତର୍ଜାତୀୟ ମହିଳା ଦିବସ ୨୦୨୫ ପାଳନ ଉପଲକ୍ଷେ ଏହା ମନ୍ତ୍ରଣାଳୟର ଏକ ଅଂଶବିଶେଷ । ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ମହିଳା ଅନୁକୂଳ ଗ୍ରାମପଞ୍ଚାୟତ ସ୍ଥାପନ କରିବା ଏହି ମନ୍ତ୍ରଣାଳୟର ଲକ୍ଷ୍ୟ ରହିଛି । ଲିଙ୍ଗଗତ ସମ୍ବେଦନଶୀଳତା

ଏବଂ ବାଳିକା ଅନୁକୂଳ ଶାସନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଦିଗରେ ଏହି ପଦକ୍ଷେପ ବିଶେଷ ସହାୟକ ହେବ ବୋଲି କୁହାଯାଉଛି । ଏହି ଦିବସବ୍ୟାପୀ କାର୍ଯ୍ୟକ୍ରମରେ ବିଭିନ୍ନ ମନ୍ତ୍ରଣାଳୟ, ବିଭାଗ ଓ ମିଳିତ ଜାତିସଂଘ ଜନସଂଖ୍ୟା ପାଣ୍ଠି ଭଳି ଅନ୍ତର୍ଜାତୀୟ ସଂଗଠନର ପ୍ରତିନିଧିମାନେ ଏଥିରେ ଯୋଗ ଦେଇଛନ୍ତି ।

## ରେଲୱେ-ଟ୍ରାନ୍ସଫରଡ

ଦିଲ୍ଲୀ ଡିଭିଜନାଲ ରେଲୱେ ମ୍ୟାନେଜର, ଅତିରିକ୍ତ ଡିଆର୍‌ଏମ୍ ଏବଂ ରେଳବାଇ ସୁରକ୍ଷା ବାହିନୀର ସହକାରୀ ନିରାପତ୍ତା କମିଶନରଙ୍କ ସମେତ ୫ଜଣ ବରିଷ୍ଠ ଅଧିକାରୀଙ୍କୁ ଆଜି ବଦଳି କରାଯାଇଛି । ନୂଆଦିଲ୍ଲୀ ରେଲୱେ ଷ୍ଟେସନରେ ଘଟିଥିବା ଦଳାଚକଟା ଘଟଣାର ପୃଷ୍ଠଭୂମି ଆଧାରରେ ରେଳବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି । ସୂଚନାଯୋଗ୍ୟ ଫେବୃୟାରୀ ୧୫ ତାରିଖରେ ଦିଲ୍ଲୀ ରେଳଷ୍ଟେସନରୁ ପ୍ରୟାଗରାଜ ଅଭିମୁଖେ ଯାଉଥିବା ଟ୍ରେନ୍‌ରେ ପ୍ରବଳ ଭିଡ଼ ଯୋଗୁଁ ଘଟିଥିବା ଦଳାଚକଟାରେ ୧୮ଜଣ ଯାତ୍ରୀଙ୍କର ପ୍ରାଣହାନି ଘଟିଥିବାବେଳେ ୧୫ଜଣ ଆହତ ହୋଇଥିଲେ ।

ରେଳବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଜଣାପଡିଛି ଯେ ନର୍ଦ୍ଦନ ରେଲୱେ ଜୋନ୍‌ର ଦିଲ୍ଲୀ ଡିଭିଜନର ନୂଆ ଡିଆର୍‌ଏମ୍ ଭାବେ ପୁଷ୍ପେସ ଆର୍ ତ୍ରିପାଠୀ ଦାୟିତ୍ୱ ନେବେ ।

## ଡିଆରଡିଓ ଟେଷ୍ଟ

ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ ଡିଆର୍‌ଡିଓ ଅଧୀନରେ ତେଜସ୍ ବିମାନ ପାଇଁ ସ୍ୱଦେଶୀ ଅନ୍ ବୋର୍ଡ ଅମ୍ଳଜାନ ଉତ୍ପାଦନ ପ୍ରଣାଳୀ ଆଧାରିତ ସମନ୍ୱିତ ଜୀବନ ରକ୍ଷାକାରୀ ବ୍ୟବସ୍ଥାର ସଫଳ ପରୀକ୍ଷଣ ହୋଇଛି । ବେଙ୍ଗାଲୁରୁସ୍ଥିତ ଲ୍ୟାବ୍ ଡିଫେନ୍ସ, ବାୟୋ ଇଞ୍ଜିନିୟରିଂ ଏବଂ ଇଲେକ୍ଟ୍ରୋ ମେଡ଼ିକାଲ ଲାବରେଟୋରୀ ଦ୍ୱାରା ଏହି ପରୀକ୍ଷା କରାଯାଇଛି । ପାରମ୍ପରିକ ତରଳ ଅମ୍ଳଜାନ ସିଲିଣ୍ଡର ଆଧାରିତ ପ୍ରଣାଳୀ ଉପରେ ନୀର୍ଭରଶୀଳତା ଦୂରକରି ଉଡାଣ ସମୟରେ ପାଇଲଟଙ୍କ ପାଇଁ ଆବଶ୍ୟକ ଅମ୍ଳଜାନ ଉତ୍ପାଦନ କରିବା ଏବଂ ଏହାକୁ ନିୟନ୍ତ୍ରଣ କରିବା ଏହି ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ । ହିନ୍ଦୁସ୍ତାନ ଏରୋନୋଟିକ୍ସ ଲିମିଟେଡ୍-ହାଲ୍‌ର ଏକ ପ୍ରଟଟାଇପ ବିମାନରେ ଏହାର ପରୀକ୍ଷା କରାଯାଇଛି । ଯେଉଁଥିରେ ସମୁଦ୍ର ପତନଠାରୁ ୫୦ହଜାର ଫୁଟ ଉପରେ ଅମ୍ଳଜାନ ସୃଷ୍ଟି ଓ ନିୟନ୍ତ୍ରଣ ବ୍ୟବସ୍ଥାର ପରୀକ୍ଷଣ କରାଯାଇଥିଲା ।

## ଇ-ମାର୍କେଟ୍ ପ୍ଲେସସ

କେନ୍ଦ୍ର ସରକାର ବାଣିଜ୍ୟ ବିଭାଗର ଅତିରିକ୍ତ ସଚିବ ଅଜୟ ଭାଦୁଙ୍କୁ ସରକାରୀ ଇ-ମାର୍କେଟ୍ ପ୍ଲେସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତ କରିଛନ୍ତି । ବାଣିଜ୍ୟ ବିଭାଗ ବ୍ୟତୀତ ସେ ଏହି ଦାୟିତ୍ୱ

ସମ୍ଭାଳିବେ । ସରକାରୀ କ୍ରୟ ପାଇଁ ଦେଶର ସର୍ବବୃହତ୍ ଇ-ମାର୍କେଟ୍ ପ୍ଲେସ୍-ଜେମ୍‌ର ମୁଖ୍ୟ ପରିଚାଳନା ଅଧିକାରୀ ଭାବେ ତାଙ୍କ ନିଯୁକ୍ତି ପରେ ଏଥିରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିବ ବୋଲି ଆଶା କରାଯାଉଛି । ସୂଚନା ଅନୁଯାୟୀ ବର୍ତ୍ତମାନ ଜେମ୍‌ର ୪ ଦଶମିକ ୫/୮ ଲକ୍ଷ କୋଟି ଟଙ୍କାର ବ୍ୟବସାୟ ରେକର୍ଡ ହୋଇଥିବାବେଳେ ବାର୍ଷିକ ୨୮ ଦଶମିକ ୬/୫ ପ୍ରତିଶତ ବୃଦ୍ଧି ଘଟିଛି ।

ଗୁଜୁରାଟ କ୍ୟାଡରର ୧୯୯୯ ବ୍ୟାଚ୍ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅଜୟ ଭାଦୁ ସହରାଞ୍ଚଳ ଭିତ୍ତିଭୂମି ବିକାଶ ସମେତ ବିଭିନ୍ନ କ୍ଷେତ୍ରରେ ନୀତି ପ୍ରଣୟନ ଏବଂ କାର୍ଯ୍ୟକାରୀତାରେ ଅଭିଜ୍ଞ ଅଟନ୍ତି । ଗତବର୍ଷ ଅଗଷ୍ଟରେ ଶ୍ରୀ ଭାଦୁଙ୍କୁ ବାଣିଜ୍ୟ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ଦିଆଯାଇଥିଲା । ଏହାପୂର୍ବରୁ ସେ ଭାରତୀୟ ନିର୍ବାଚନ ଆୟୋଗରେ ଉପନିର୍ବାଚନ କମିଶନର ଏବଂ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରିଥିଲେ ।

## ଝାଡ଼ଖଣ୍ଡ ବ୍ଲାଷ୍ଟ

ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ ଜିଲ୍ଲା ଜରେଇକେଲା ପୁଲିସ ଷ୍ଟେସନ ଅଧୀନ ବାଲିବା ଜଙ୍ଗଲ ଅଞ୍ଚଳରେ ବିସ୍ଫୋରଣ ଘଟିବାରୁ ୩ଜଣ ସିଆର୍‌ପିଏଫ୍ ଜବାନଙ୍କ ସମେତ କେତେକ ଆହତ ହୋଇଛନ୍ତି । ସେମାନଙ୍କୁ ଉଦ୍ଧାର କରାଯାଇ ପ୍ରାଥମିକ ଚିକିତ୍ସା ପାଇଁ ଡାକ୍ତରଖାନାରେ

ଭର୍ତ୍ତି କରାଯାଇଛି । ଏସ୍‌ପି ଆଶୁତୋଷ ଶେଖର କହିଛନ୍ତି ସିଆର୍‌ପିଏଫ୍‌ର ଜବାନମାନେ ସକାଳୁ ତଲାସୀ ଅଭିଯାନରେ ଥିବାବେଳେ ଏଭଳି ବିସ୍ଫୋରଣ ଘଟିଛି । ଉତ୍ତମ ଚିକିତ୍ସା ଦେବାଲାଗି ଯବାନମାନଙ୍କୁ ବିମାନଯୋଗେ ରାଞ୍ଚି ନିଆଯିବ ବୋଲି ଜଣାପଡିଛି ।

## ପିଏମ୍‌-ଉତ୍ତରାଖଣ୍ଡ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଉତ୍ତରାଖଣ୍ଡ ଗସ୍ତରେ ଯିବେ । ସେ ମୁକାଓ୍ୱାଠାରେ ମା’ ଗଙ୍ଗାଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ସେ ହାର୍ସିଲଠାରେ ଟ୍ରେକ୍ ଓ ବାଇକ୍ ର୍‍ୟାଲିକୁ ପତାକା ଦେଖାଇ ଶୁଭାରମ୍ଭ କରିବା ସହ ସାଧାରଣ ସଭାରେ ଯୋଗଦେବେ । ଚଳିତବର୍ଷ ଉତ୍ତରାଖଣ୍ଡ ସରକାର ଶୀତ ପର୍ଯ୍ୟଟନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏହି ଉପଲକ୍ଷେ ଗଙ୍ଗୋତ୍ରୀ, ଯମୁନୋତ୍ରୀ, କେଦାରନାଥ ଏବଂ ବଦ୍ରିନାଥ ଠାରେ ହେଉଥିବା କାର୍ଯ୍ୟକ୍ରମକୁ ଅନେକ ହଜାର ଶ୍ରଦ୍ଧାଳୁ ପରିଦର୍ଶନ କରିଛନ୍ତି । ଧର୍ମୀୟ ପର୍ଯ୍ୟଟନକୁ ପ୍ରସାର କରିବା ସହ ସ୍ଥାନୀୟ ଅର୍ଥନୀତି, ପର୍ଯ୍ୟଟନ ବ୍ୟବସାୟକୁ ତ୍ୱରାନ୍ୱିତ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି କୁହାଯାଉଛି ।

# ପିଏମ୍-ବିଜୁ ପଟ୍ଟନାୟକ

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ମନେ ପକାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ମୋଦୀ ଜନନାୟକ ବିଜୁ ପଟ୍ଟନାୟକଙ୍କର ରାଜ୍ୟର ବିକାଶରେ ଥିବା ଅବଦାନ ସହ ନାଗରିକମାନଙ୍କୁ ସଶକ୍ତ କରିବାରେ ତାଙ୍କ ପ୍ରଚେଷ୍ଟାକୁ ସ୍ମରଣ କରିଛନ୍ତି । ଗଣତାନ୍ତ୍ରିକ ମୂଲ୍ୟବୋଧ ବିଶେଷକରି ଜରୁରୀକାଳୀନ ପରିସ୍ଥିତି ବେଳେ ସେହି ସମୟର ବ୍ୟବସ୍ଥାକୁ ବିରୋଧ କରିବାରେ ବିଜୁ ପଟ୍ଟନାୟକଙ୍କ ଅଙ୍ଗୀକାରବଦ୍ଧତା ରହିଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# କୋଲ୍ ପ୍ରଡକ୍ସନ

ଆର୍ଥିକ ବର୍ଷ ୨୦୨୪-୨୫ର ଫେବୃୟାରୀ ଶେଷ ସୁଦ୍ଧା କ୍ୟାପ୍‌ଟିଭ ଓ ବ୍ୟବସାୟୀକ ଖଣିରୁ ୧୬ କୋଟି ୭୦ଲକ୍ଷ ଟନ୍‌ର କୋଇଲା ଉତ୍ପାଦନ ହୋଇପାରିଛି । ଗତବର୍ଷର ଏହି ସମୟ ସୁଦ୍ଧା ୧୨କୋଟି ୬୦ଲକ୍ଷ ଟନ୍ କୋଇଲା ଉତ୍ପାଦନ ହୋଇଥିଲା । ଚଳିତବର୍ଷ ୩୨ ପ୍ରତିଶତ ଅଧିକ କୋଇଲା ଉତ୍ପାଦନ ହୋଇଥିବା କୋଇଲା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଜଣାପଡିଛି । ୨୦୨୪-୨୫ ଆର୍ଥିକ ବର୍ଷରେ ୧୭କୋଟି ଟନ୍ କୋଇଲା ବିଭିନ୍ନ କ୍ଷେତ୍ରରେ ବ୍ୟବହାର ଲାଗି ପଠାଯାଇଥିବାବେଳେ

ଗତବର୍ଷ ଏହି ସମୟ ସୁଦ୍ଧା ୧୨କୋଟି ୮୦ଲକ୍ଷ ଟନ୍ କୋଇଲା ପଠାଯାଇଥିଲା । ଶକ୍ତି, ଇସ୍ପାତ ଏବଂ ସିମେଣ୍ଟ କ୍ଷେତ୍ରରେ ଏହିସବୁ କୋଇଲା ବିନିଯୋଗ ହୋଇଛି । ଦେଶର ଅଭିବୃଦ୍ଧି ଓ ବିକାଶ ଦିଗରେ ନିରନ୍ତର ଏବଂ ଦକ୍ଷ କୋଇଲା କ୍ଷେତ୍ର ପ୍ରମୁଖ ଭୂମିକା ଗ୍ରହଣ କରିପାରିଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ଆଇଏସ୍ଏଲ୍ ଫୁଟବଲ

ଜାମସେଦପୁରର ଜେଆର୍‌ଡି ଟାଟା ସ୍ପୋର୍ଟ୍‌ସ କମ୍ପ୍ଲେକ୍ସ ଷ୍ଟାଡିୟମରେ ସଂଧ୍ୟା ୭ଟା ୩୦ରେ ଭାରତୀୟ ସୁପରଲିଗ୍ ଫୁଟବଲର ଏକ ମ୍ୟାଚ୍ ଜାମସେଦପୁର ଏଫ୍‌ସି ଏବଂ ଓଡ଼ିଶା ମଧ୍ୟମରେ ଅନୁଷ୍ଠିତ ହେବ । ଗତକାଲି ରାତିରେ ଗୋଆର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଗୋଆ' ମହମ୍ମଡାନ ଏଫ୍‌ସିକୁ ୨-୦ଗୋଲ୍‌ରେ ପରାସ୍ତ କରିଛି । ଏହି ବିଜୟ ସହିତ ଗୋଆ ଦ୍ୱିତୀୟ ସ୍ଥାନ ହାସଲ କରିଛି । ତେବେ ଉଭୟ ଦଳ ମୋହନବାଗାନ ସୁପର ଜ୍ୟାଣ୍ଟ୍ ସହିତ ସେମିଫାଇନାଲରେ ପ୍ରବେଶ କରିଛନ୍ତି । ଗୋଆ ଏଫ୍‌ସି ୨୩ଟି ମ୍ୟାଚ୍‌ରୁ ୪୮ ପଏଣ୍ଟ ହାସଲ କରିଛି । ମୋହନ ବାଗାନ ୨୩ଟି ମ୍ୟାଚ୍‌ରୁ ୫୩ପଏଣ୍ଟ ପାଇଛି ।

# ଆଇସିସି ଚାମ୍ପିୟନ୍ସ ଟ୍ରଫି

ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫିର ଦ୍ୱିତୀୟ ସେମିଫାଇନାଲ୍‌ରେ ଆଜି ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ମଧ୍ୟରେ ମୁକାବିଲା ହେବ । ଆଜିର ବିଜେତା ସହ ଭାରତ ଆସନ୍ତା ରବିବାର ଫାଇନାଲ୍ ମ୍ୟାଚ୍‌ରେ ଅବତୀର୍ଣ୍ଣ ହେବ ।

ଦୁବାଇରେ ଗତକାଲି ଅନୁଷ୍ଠିତ ପ୍ରଥମ ସେମିଫାଇନାଲ୍‌ରେ ଅଷ୍ଟ୍ରେଲିଆକୁ ୪ ୱିକେଟ୍‌ରେ ଭାରତ ପରାସ୍ତ କରିଛି । ଏଥିସହିତ ଭାରତ ଫାଇନାଲ୍‌କୁ ଉନ୍ନିତ ହୋଇଛି । ୨୬୫ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତୀୟ ଦଳ ୧୧ଟି ବଲ୍ ବାକିଥାଇ ୬ ୱିକେଟ୍ ହରାଇ ୨୬୭ରନ୍ କରିଥିଲା । ୨୦୨୩ ବିଶ୍ୱକପ୍ ଫାଇନାଲ୍‌ରେ ଅଷ୍ଟ୍ରେଲିଆ ଠାରୁ ହାରିବା ପରେ ଭାରତ ଗତକାଲି ଛକା ମାରି ବହୁ ପ୍ରତୀକ୍ଷିତ ବିଜୟ ନିଶ୍ଚିତ କରିଥିଲା ।

ପାୱାର୍ ପ୍ଲେ ସମୟରେ ଅଧିନାୟକ ରୋହିତ ଶର୍ମା ଓ ଶୁଭମନ ଗିଲ୍ ଆଉଟ୍ ହୋଇଯାଇଥିଲେ । ତେବେ ବିରାଟ କୋହଲି ଏବଂ ଶ୍ରେୟସ ଆୟର୍‌ଙ୍କ ଯୋଡ଼ି ୯୧ ରନ୍ ସ୍କୋର କରି ଇନିଂସ ସମ୍ଭାଳି ଥିଲେ । ୯୮ଟି ବଲ୍‌ରୁ ସର୍ବାଧିକ ୮୪ରନ୍ ସଂଗ୍ରହ କରି ବିରାଟ କୋହଲି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ ।

ଏହି ବିଜୟ ସହିତ ଭାରତ ତୃତୀୟଥର ପାଇଁ ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି ଫାଇନାଲ୍‌ରେ ପ୍ରବେଶ କରିଛି । ୨୦୧୩ରେ ଏମ୍.ଏସ୍. ଧୋନୀଙ୍କ ନେତୃତ୍ୱରେ ଇଂଲଣ୍ଡକୁ ପରାସ୍ତ କରି ଭାରତ ଏହି ଟାଇଟଲ ହାସଲ

କରିଥିଲା । ତେବେ ୨୦୧୭ରେ  ଫାଇନାଲ୍‌ରେ ଭାରତ’ ପାକିସ୍ତାନ ଠାରୁ

ପରାଜିତ ହୋଇଥିଲା ।